ପୌରାଞ୍ଚଳରେ ବିଜେଡି ପ୍ରାର୍ଥୀ ସ୍ୱରୂପଙ୍କ ମାରାଥନ୍ ପ୍ରଚାର

ବାଲେଶ୍ୱର(ଅମୃତ ମିଡିଆ): ବାଲେଶ୍ୱର ଉପ-ନିର୍ବାଚନ ପାଇଁ ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସ ବାଲେଶ୍ୱର ସହରର ବିଭିନ୍ନ ୱାର୍ଡରେ ଘରକୁ ଘର ଯାଇ ମାରାଥନ୍ ପ୍ରଚାର ଆରମ୍ଭ କରିଛନ୍ତି। ଗତକାଲି ପୂର୍ବାହ୍ନରେ ପୁରୁଣା ବାଲେଶ୍ୱରର ବାବା ବାଣେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରି ଶ୍ରୀ ଦାସ ନିଜ ସାଥୀ ସମର୍ଥକଙ୍କୁ ଧରି ଆରମ୍ଭ କରିଥିଲେ ଡୋର କ୍ୟାମ୍ପେନିଂ । ସେ ସହରର ପାତ୍ରପଡା ହନୁମାନ ମନ୍ଦିର, ବଡଖୁଆ ମୁନିପଦା, ସୁନହଟ, କାଦରାବାଦ ମାହାଦେବ ମନ୍ଦିର, ମାନସିଂ ବଜାର, କଂସେଇ ମୋହଲ୍ଲା, ମଛୁଆ ସାହି, ମଠସାହି, ଈଶାନନଗର ଶିବମନ୍ଦିର, ବିକାଶ ନଗର, ନୁରପୁର ରୋଡ, ଦାମୋଦରପୁର, ମାକଲପୁର, ବଟେଶ୍ୱର, ଆଜିମାବାଦ ପ୍ରଭୃତି ଅଂଚଳରେ ଘରକୁ ଘର ବୁଲି ଆଶୀର୍ବାଦ ଭିକ୍ଷା କରିଥିଲେ। ବାଲେଶ୍ୱର ସହରର ବିକାଶକୁ ବିଜେଡି ସବୁବେଳେ ଅଗ୍ରାଧିକାର ଦେଇ ଆସିଥିବା ବେଳେ ଚଳିତ ନିର୍ବାଚନରେ ତାଙ୍କୁ ଅଧିକ ମାତ୍ରାରେ ସମର୍ଥନ ପାଇଁ ସେ ନିବେଦନ କରିଥିଲେ। ପୂର୍ବତନ ପୌରାଧକ୍ଷ ଆଲୋକ କୁମାର ସାହୁ ଓ ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତଙ୍କ ସମେତ ପ୍ରତ୍ୟେକ ୱାର୍ଡ ପାଇଁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ରାଜ୍ୟସ୍ତରୀୟ ନେତାମାନେ ଏହି ପ୍ରଚାର କାର୍ଯ୍ୟରେ ଯୋଗଦେଇ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ସାଙ୍ଗକୁ ନିର୍ମଳ ଭାବମୂର୍ତ୍ତିକୁ ଗୁରୁତ୍ୱ ଦେଇ ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସଙ୍କୁ ବିଜୟ ପାଇଁ ନିବେଦନ କରିଥିଲେ। ବାଲେଶ୍ୱର ସହର ତଥା ଜିଲ୍ଲାର ବିକାଶ ଏବଂ ଜନସାଧାରଣଙ୍କ ସମସ୍ୟାର ସାମାଧାନ ପାଇଁ ପ୍ରାର୍ଥୀ ସ୍ୱରୂପ ଦାସଙ୍କୁ ସମର୍ଥନ ଜଣାଇବାକୁ ବିଜେଡି ନେତାମାନେ ଭୋଟରମାନଙ୍କୁ ନିବେଦନ କରଛନ୍ତି।

ଚାଷୀଙ୍କ ହୃଦ୍‌ଘାତରେ ପରଲୋକ

ବାଲିଚନ୍ଦ୍ରପୁର (ଅମୃତ ମିଡିଆ): ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଦମପାଳ ଗ୍ରାମର ବିଶିଷ୍ଟ ଆଦର୍ଶ ଚାଷୀ ଚୈତନ୍ୟ ଚରଣ ମହାନ୍ତି (୭୨)ଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ମହାନ୍ତି ଜଣେ ମିଷ୍ଟଭାଷୀ ଓ ପରୋପକାରୀ ଜଣାଶୁଣା ଚାଷୀ ଥିଲେ। ବହୁ ଅନୁଷ୍ଠାନ ତାଙ୍କୁ ଆଦର୍ଶଚାଷୀ ଭାବରେ ସମ୍ମାନ କରିଛି। ତାଙ୍କ ପରଲୋକରେ ସମ୍ପୃକ୍ତ ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ବୁଦ୍ଧଦେବ ମହାନ୍ତି ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ତାଙ୍କ ସମୁଦି ବରିଷ୍ଠ ସମାଜସେବୀ ଅକ୍ଷୟ କୁମାର ବଳ, ତାଙ୍କ ଧର୍ମପତ୍ନୀ ଉର୍ମିଳା ବଳ, ଚାଷୀ ଉମାକାନ୍ତ ମହାନ୍ତି, ବିଦ୍ୟାଧର ମହାନ୍ତି, ଜ୍ୟୋତିରଞ୍ଜନ ବଳ, ଇତିରଞ୍ଜନ ବଳ, ଜ୍ଞାନଦେବ ମହାନ୍ତି, ବିଶ୍ୱଜିତ୍ ମହାନ୍ତି ଓ ରାଜେଶ ମହାନ୍ତି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

ଉପ-ନିର୍ବାଚନ ପରିପ୍ରେକ୍ଷୀରେ ମହିଳା କଂଗ୍ରେସର ସମ୍ମିଳନୀ

ବାଲେଶ୍ୱର(ଅମୃତ ମିଡିଆ) : ଚଳିତ ଉପ-ନିର୍ବାଚନ ପରିପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସ ପକ୍ଷରୁ ମହିଳାଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏହି ସମ୍ମିଳନୀରେ ବିଧାୟକ ତାରା ପ୍ରସାଦ ବାହିନୀପତି, ପିସିସି ମୁଖପାତ୍ର ସୁଦର୍ଶନ ଦାସ, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞାପାରମିତା ମହାନ୍ତି, ଦଳୀୟ ପ୍ରାର୍ଥିନୀ ମମତା କୁଣ୍ଡୁଙ୍କ ସମେତ ମହିଳା ନେତ୍ରୀ ବାସନ୍ତି ନାୟକ, ପ୍ରତିମା ପଣ୍ଡା, ଜ୍ୟୋସ୍ନା ସେନାପତି ପ୍ରମୁଖ ଏହି ସମ୍ମିଳନୀରେ ଯୋଗଦେଇ ଜିଲ୍ଲାର ବିକାଶରେ କଂଗ୍ରେସର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। କଂଗ୍ରେସ ଶାସନକାଳରେ ଯାହା ବି କିଛି ବିକାଶ ହୋଇଥିଲା ଏବେ ସବୁକିଛି ଠପ୍ ହୋଇଯାଇଛି। କେନ୍ଦ୍ରରେ ବିଜେପି ଓ ରାଜ୍ୟରେ ବିଜେଡି କ୍ଷମତାରେ ରହିଥିଲେ ବି ସବୁକ୍ଷେତ୍ରରେ ଜିଲ୍ଲାବାସୀଙ୍କୁ ଅବହେଳା କରାଯାଉଛି ବୋଲି ବକ୍ତାମାନେ କହିଥିଲେ। ଚଳିତ ନିର୍ବାଚନରେ ଭୋଟ ହାତେଇବା ପାଇଁ ଅନ୍ୟାନ୍ୟ ଦଳର ନେତାଙ୍କ ମିଥ୍ୟା ପ୍ରତିଶ୍ରୁତିକୁ ସଦର ନିର୍ବାଚନମଣ୍ଡଳୀର ଭୋଟର କେବେ ପରତେ ଯିବେ ନାହିଁ। ବରଂ ନିଜର ହକ୍ ଜାହିର ପାଇଁ କଂଗ୍ରେସର ଯୋଗ୍ୟ ପ୍ରାର୍ଥିନୀ ମମତା କୁଣ୍ଡୁଙ୍କୁ ଭୋଟ ଦେବେ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ। ଜନସାଧାରଣରେ ଜନମତ ସୃଷ୍ଟି ପାଇଁ କଂଗ୍ରେସ ପ୍ରତ୍ୟେକ ବର୍ଗର କର୍ମୀ ଚେଷ୍ଟା ଜାରି ରଖିବାକୁ କଂଗ୍ରେସ ନେତା ଓ ନେତ୍ରୀମାନେ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ କଂଗ୍ରେସର ଦୃଢ଼ ସମର୍ଥକ ଅବସରପ୍ରାପ୍ତ ଏସପି ହରମୋହନ ଦାଶଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା। ଦୁଇମିନିଟ ନିରବ ପ୍ରାର୍ଥନା ଜରିଆରେ ଦିବଂଗତ ଆତ୍ମା ପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ବିଜେଡି ପ୍ରାର୍ଥୀଙ୍କ ବିଜୟ ପାଇଁ ଅଣ୍ଟାଭିଡ଼ିଲା ବିସିଜେଡି

2020/10/20 17:32

ବାଲେଶ୍ୱର(ଅମୃତ ମିଡିଆ): ବାଲେଶ୍ୱର ଉପ-ନିର୍ବାଚନକୁ ଗୁରୁତ୍ୱ ଦେଇ ବିଜୁ ଛାତ୍ର ଜନତା ଦଳ(ବିସିଜେଡି) ପକ୍ଷରୁ ଏକ ଛାତ୍ର ସମ୍ମିଳନୀ ଓ ନିର୍ବାଚନୀ ସଭା ସ୍ଥାନୀୟ ସିଦ୍ଧି କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ସିମନ ଦାସମହାପାତ୍ର ଏଥିରେ ଅଧ୍ୟକ୍ଷତା କରିବା ବାଲେଶ୍ୱର ସହରର ସର୍ବାଙ୍ଗୀନ ବିକାଶ ସହ ଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷାବ୍ୟବସ୍ଥାର ଉନ୍ନତି ପାଇଁ ସଦର ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥି ସ୍ୱରୂପ ଦାସଙ୍କୁ ସମର୍ଥନ ଜଣାଇବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ତଥା ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ରାଜ୍ୟ ଯୋଗାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରଦାସ ମିଶ୍ର, ଜିଲ୍ଲା ସଭାପତି ରବୀନ୍ଦ୍ର କୁମାର ଜେନା, କୋରେଇର ପୂର୍ବତନ ବିଧାୟକ ତଥା ଚଳଚ୍ଚିତ୍ର ଅଭିନେତା ଆକାଶ ଦାସ ନାୟକ, ଓଡିଶା କ୍ଷୁଦ୍ର ଶିଳ୍ପ ଉନ୍ନୟନ ନିଗମର ଅଧ୍ୟକ୍ଷ ଚିନ୍ମୟ ସାହୁ, ଛାତ୍ର ବ୍ୟାପାର ଦାୟିତ୍ୱରେ ଥିବା ବିଜେଡି ଯୁଗ୍ମ ସମ୍ପାଦକ ହରିଶଙ୍କର ରାଉତ ପ୍ରମୁଖ ଏଥିରେ ଯୋଗଦେଇ ଚଳିତ ଉପ-ନିର୍ବାଚନ ବିଜେଡି ପାଇଁ ସମ୍ମାନ ଓ ସ୍ୱାଭିମାନର ପ୍ରଶ୍ନ ହୋଇଥିବା ବେଳେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ନିମନ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସଙ୍କୁ କିପରି ଅଧିକ ଭୋଟ ମିଳିବ ସେନେଇ ତୃଣମୂଳ ସ୍ତରରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସେମାନେ କହିଥିଲେ। ବିଜୁ ଛାତ୍ର ଜନତା ଦଳ ନଗର ସଭାପତି ବ୍ରଜ କିଶୋର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସହରର ବିଭିନ୍ନ ଶିକ୍ଷାନୁଷ୍ଠାନର ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜିଲ୍ଲାବାସୀଙ୍କୁ ଉପକ୍ଷୋ

ପ୍ରତିବାଦ ପାଇଁ ସାମାଜିକ ନ୍ୟାୟ ଅଭିଯାନର ଆହ୍ୱାନ

ବାଲେଶ୍ୱର(ଅମୃତ ମିଡିଆ): ବାଲେଶ୍ୱରରେ ଏମ୍ସ ସୁପର ସ୍ପେଶିଆଲିଟି ହସପିଟାଲ ଓ ପବ୍ଲିକ ହେଲ୍‌ଥ ସ୍କୁଲ ପ୍ରତିଷ୍ଠାରେ ବିଳମ୍ବକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ସାମାଜିକ ନ୍ୟାୟ ଅଭିଯାନ ସଂଗଠନ। ଏନେଇ ସଂଠନର ଆବାହକ ଅକ୍ଷୟ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଅୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜଳେଶ୍ୱରର ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ ଯୋଗଦେଇ ବାଲେଶ୍ୱର ସଦର ଉପ-ନିର୍ବାଚନ ସମୟରେ ଜନସାଧାରଣ ଏହାର ପ୍ରତିବାଦ ଜଣାଇବାକୁ ଆହ୍ୱାନ ଦେଇଥିଲେ । ତତ୍କାଳୀନ ୟୁପିଏ ସରକାରଙ୍କ ସମୟରେ ବାଲେଶ୍ୱରର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ଉଦ୍ୟମରେ ବାଲେଶ୍ୱରଠାରେ ଏମ୍ସ ସାଟେଲାଇଟ ସେଂଟର ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏଥିପାଇଁ ୪୫୦ କୋଟି ବ୍ୟୟ ଅଟକଳ ସହ ନିର୍ମାଣ କାର୍ଯ୍ୟ ମଧ ଆରମ୍ଭ ହୋଇଥିଲା ବୋଲି ଶ୍ରୀ ଚାନ୍ଦ ସୂଚନା ଦେଇଥିଲେ। ମାତ୍ର ୨୦୧୪ ମସିହାରେ କ୍ଷମତାକୁ ଆସିବା ପରେ ଏନଡିଏ ସରକାର ସମ୍ପୃକ୍ତ ପ୍ରକଳ୍ପକୁ ସ୍ଥାନାନ୍ତର ପାଇଁ ଉଦ୍ୟମ କରିଥିଲେ। ମାତ୍ର ଜନସାଧାରଣଙ୍କ ବିରୋଧ ଯୋଗୁଁ କେନ୍ଦ୍ର ସରକାର ବାଲେଶ୍ୱରରେ ଏମ୍ସ ସୁପର ସ୍ପେଶିଆଲିଟି ହସପିଟାଲ ଓ ପବ୍ଲିକ୍ ହେଲ୍‌ଥ ସ୍କୁଲ ପ୍ରତିଷ୍ଠା ପାଇଁ ଘୋଷଣା ସହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଏଥିପାଇଁ ପ୍ରାଥମିକ ଭାବେ ମାତ୍ର ୩୫ କୋଟି ଟଙ୍କାର ଅନୁଦାନ ଦେଇ ସମଗ୍ର ପ୍ରକଳ୍ପର ଏକ ଛୋଟିଆ ଅଂଶ ନିର୍ମାଣ କରୁଥିବା ଶ୍ରୀ ଚାନ୍ଦ ଅଭିଯୋଗ କରିଛନ୍ତି । ତେବେ ବାଲେଶ୍ୱର ସମେତ ସମଗ୍ର ଉତର ଓଡିଶା, ଏପରିକି ପୋଡଶୀ ପଶ୍ଚିମବଙ୍ଗ, ଝାଡଖଣ୍ଡ ଓ ବିହାର ଭଳି ରାଜ୍ୟର ଜନସାଧାରଣଙ୍କୁ ଉତମ ଓ ଆଧୁନିକ ସ୍ୱାସ୍ଥ୍ୟ ସେବା ଯୋଗଇଦେବା ପାଇଁ ସମ୍ପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଏକାନ୍ତ ଆବଶ୍ୟକ ବୋଲି ଶ୍ରୀ ଚାନ୍ଦ କହିଥିଲେ । ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଥିବା ବେଳେ ଚଳିତ ଉପ-ନିର୍ବାଚନରେ ଜନସାଧାରଣ ପ୍ରାର୍ଥୀଙ୍କ ସମେତ ନିର୍ବାଚନ ପ୍ରଚାରରେ ଆସୁଥିବା ନେତୃବର୍ଗଙ୍କ ନିକଟରେ ପ୍ରତିବାଦ ଜଣାଇବାକୁ ଶ୍ରୀ ଚାନ୍ଦ ଆହ୍ୱାନ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ନଶିତ୍ ବାରିକ, ବଡ଼ସାହି ବ୍ଲକ ସଭାପତି ଖଗେଶ୍ୱର ନାୟକ, ସଂଜୟ ବେହେରା ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

୨୯ ନଂ ୱାର୍ଡ଼ରେ ବିଜେଡିର ନର୍ବାଚନୀ ସଭା

ଯୋଗ୍ୟ ପ୍ରାର୍ଥୀ ସ୍ୱରୂପ ଦାସଙ୍କୁ ସମର୍ଥନ ପାଇଁ ଗୁହାରି

ବାଲେଶ୍ୱର(ଅମୃତ ମିଡିଆ): ବିଜୁ ଜନତା ଦଳ ପକ୍ଷରୁ ୨୯ ନଂ ୱାର୍ଡ଼ରେ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଛି। ସ୍ଥାନୀୟ କ୍ୟାଥୋଲିକ୍ ପଡ଼ାରେ ଆୟୋଜିତ କାର୍ଯ୍ୟକ୍ରମରେ ମୟୂରଭଂଜ ଜିଲ୍ଲା ଉଦଳାର ପୂର୍ବତନ ବିଧାୟକ ତଥା ଏହି ୱାର୍ଡ଼ର ବିଜେଡି ପ୍ରଭାରୀ ଶ୍ରୀନାଥ ସୋରେନ୍ ଅଧ୍ୟକ୍ଷତା କରିବା ସହିତ ଆସନ୍ତା ସଦର ଉପ-ନିର୍ବାଚନରେ ଏକମାତ୍ର ଯୋଗ୍ୟପ୍ରାର୍ଥୀ ବିଜେଡିର ସ୍ୱରୂପ ଦାସଙ୍କୁ ଜିତାଇବାକୁ କହିଥିଲେ। ରାଜ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ପ୍ରମୁଖ ଏଥିରେ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ସୁଶାସନ ଉପରେ ଭରସା କରି ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସଙ୍କୁ ବିଜୟୀ କରିବାକୁ ଉପସ୍ଥିତ ୱାର୍ଡ଼ବାସୀଙ୍କୁ ନିବେଦନ କରିଛନ୍ତି। ପୂର୍ବତନ ପୌରପାଳ ଆଲୋକ ସାହୁ, ଆଇନଜୀବୀ ଦୀପକ ଦାଶ ପ୍ରମୁଖ ଏଥିରେ ଯୋଗଦେଇ ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସଙ୍କୁ ଅଧିକ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ପୂର୍ବତନ ୱାର୍ଡ଼ କାଉନସିଲର ଅନୂପ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ କାର୍ତ୍ତିକ ଚନ୍ଦ୍ର ସାହୁ, ସୁଦୀପ୍ତ ପିଟର,ଅରୂପ ଯୋଶେଫ, ତୁଫାନ୍ ଆନ୍ଥୋନି ପ୍ରମୁଖ ପରିଚାଳନା କରିଥିଲେ। ଶ୍ରୀ ସୋରେନ୍‌ଙ୍କ ସହଯୋଗୀ ଶଶଧର ସ୍ୱାଇଁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ସରକାରୀ ଅର୍ଥ ଲୁଟି ମଧ୍ୟ ଲୋକଙ୍କୁ ମୌଳିକ ସେବା ନାହିଁ !

ଦୁର୍ନୀତିଗ୍ରସ୍ତ ଦଳର ପ୍ରାର୍ଥୀଙ୍କୁ ଉଚିତ ଜବାବ ଦିଅ: ସୁରେଶ ପୂଜାରୀ

ବିଜେପି
ବିଜେପି
ବିଜେପି
ବିଜେପି
ବିଜେପି

ବାଲେଶ୍ୱର(ଅମୃତ ମିଡିଆ) : ବାଲେଶ୍ୱର ଜିଲ୍ଲାରେ ସହର ସମେତ ପୁରପଲ୍ଲିରେ ଘରେଘରେ ଦେଶୀମଦ ବନ୍ୟା ସାଙ୍ଗକୁ ରାଜ୍ୟ ସରକାରଙ୍କ ଜଗୁଆଳି ଭାବେ ମୁତୟନ ଥିବା ଜିଲ୍ଲା ଅବକାରୀ ବିଭାଗର ସ୍ଥାଣୁତା ଜିଲ୍ଲାର ଜନ ସାଧାରଣଙ୍କ ପାଇଁ ମହା ବିପତି ଆଣିଛି। ପାଇଁ ଚଳିତ ସଦର ଉପ-ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାରରେ ଅଂଶଗ୍ରହଣ କରିଥିବା ବରଗଡ଼ର ବିଜେପି ସାଂସଦ ସୁରେଶ ପୂଜାରୀ ବାଲେଶ୍ୱରର ପ୍ରତ୍ୟେକ କ୍ଷେତ୍ରରେ ବୃଦ୍ଧି ପାଇଥିବା ଦୁର୍ନୀତି, ଭ୍ରଷ୍ଟାଚାର ଓ ବିଭିନ୍ନ କ୍ଷେତ୍ରରେ ଅବ୍ୟବସ୍ଥାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୂଜାରୀ ଯୋଗଦେଇ ସହର ସମେତ ଜିଲ୍ଲାବାସୀଙ୍କୁ ଦୀର୍ଘଦିନ ଧରି କରାଯାଇଥିବା ଅବହେଳା ସମ୍ପର୍କରେ ସୂଚନା ଦେଇଛନ୍ତି। ବିଶେଷ କରି ପୌରାଞ୍ଚଳ ଓ ପଞ୍ଚାୟତ ସ୍ତରରେ ସାଧାରଣ ଲୋକଙ୍କୁ ମୌଳିକ ସୁବିଧା ପ୍ରଦାନରେ ରାଜ୍ୟ ସରକାରଙ୍କ ବିଫଳତାକୁ ସେ ତୀବ୍ର ସମାଲୋଚନା କରିଛନ୍ତି। ଲୋକାଲ ଫଣ୍ଡ ଅଡିଟ୍ ରିପୋର୍ଟକୁ ଆଧରରେ ପୌରାଞ୍ଚଳ ଓ ଗ୍ରାମାଞ୍ଚଳ ବିକାଶ ପାଇଁ ଆସୁଥିବା ଅନୁଦାନକୁ ସରକାର ଓ ପ୍ରଶାସନ ଖର୍ଚ୍ଚ କରିପାରୁ ନାହାନ୍ତି। ଏମିତିକି ହେଉଥିବା ଖର୍ଚ୍ଚର ହିସାବ ଏବଂ ବିନିଯୋଗ ପ୍ରମାଣପତ୍ର ପ୍ରଦାନରେ ଶାସନକଳର ବିଳମ୍ବତା ଦୁର୍ନୀତିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ଶ୍ରୀ ପୂଜାରୀ ଅଭିଯୋଗ କରିଛନ୍ତି। ଅଦ୍ୟାବଧି ଜିଲ୍ଲା ପରିଷଦରେ ୧୫ କୋଟି, ପଞ୍ଚାୟତ ସମିତିରେ ୨୫୭ କୋଟି ଓ ଗ୍ରାମ ପଞ୍ଚାୟତରେ ୧୭୦ କୋଟି ଟଙ୍କା ଖର୍ଚ୍ଚ ହୋଇ ନପାରି ପଡ଼ି ରହିଛି। ବିଭିନ୍ନ ପ୍ରକଳ୍ପ କାର୍ଯ୍ୟାଦେଶ ସହ ବିଜେଡି କର୍ମୀମାନେ ସମ୍ପୃକ୍ତ ଅଟକଳ ଅର୍ଥରୁ କୋଟି କୋଟି ଟଙ୍କା ଅଗ୍ରୀମ ଆକାରରେ ନେଇଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ସବୁଠାରୁ ବଡ଼କଥା ହେଲା ଗତ ୫ବର୍ଷରେ ଅମୃତ ଯୋଜନା କାର୍ଯ୍ୟକାରୀରେ କେନ୍ଦ୍ର ପ୍ରଦତ୍ତ ୮୮୫ କୋଟି ଟଙ୍କାର ଖର୍ଚ୍ଚର ହିସାବ ଏବେ କାହା ପାଖରେ ନାହିଁ। ତେବେ ବାଲେଶ୍ୱର ସହରର ବିକାଶ ପାଇଁ ଏହି ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଉଥିଲେ ବି ବାସ୍ତବରେ କେଉଁଠି ଆଖିଦୃଶିଆ କାର୍ଯ୍ୟ ହୋଇଛି, ତାହା ସାଧାରଣ ଜନତା ବେଶ ଭଲ ଭାବେ ଜାଣିଛନ୍ତି। ପାଇପ ପାଣି ଯୋଗାଣ ଯୋଜନା, ପବ୍ଲିକ ପାର୍କ, ସିଟି ବସ୍ ଚଳାଚଳ ଆଦି ଯୋଜନା ଏବେ କେଉଁଠି ବୋଲି ନିର୍ବାଚନ ପ୍ରଚାରରେ ଆସୁଥିବା ବିଜେଡି ନେତାଙ୍କୁ ପଚାରିବାକୁ ଶ୍ରୀ ପୂଜାରୀ ବାଲେଶ୍ୱରବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ମିଥ୍ୟା ପ୍ରତଶ୍ରୁତି ଦେଇ କୋଟିକୋଟି ଟଙ୍କା ଲୁଟି ଚାଲିଥିବା ଦଳର ପ୍ରାର୍ଥୀଙ୍କୁ ଏହି ନିର୍ବାଚନ ମାଧ୍ୟମରେ ଉଚିତ ଜବାବ ଦେବାକୁ ସେ ସମସ୍ତଙ୍କୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ବିରଞ୍ଚି ନାରାୟଣ ତ୍ରିପାଠୀ, ଜିଲ୍ଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ବିଜୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପୂର୍ବତନ ପୌରପାଳ ସ୍ୱର୍ଗତ ଗୋବିନ୍ଦ ତରାଇଙ୍କ ସ୍ମୃତିସଭା

ପାରାଦୀପ(ଅମୃତ ମିଡିଆ): ପାରାଦୀପର ବରିଷ୍ଠ ବିଜେଡି ନେତା, ପୂର୍ବତନ ପୌରପାଳ, ପୂର୍ବତନ ବଣିକ ସଂଘ ସଭାପତି ତଥା କୈବର୍ତ୍ତ ନେତା ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ତରାଇଙ୍କ ଦ୍ୱାଦଶାହ ଉପଲକ୍ଷେ ବୁଧବାର ଦିନ ଆୟୋଜିତ ହୋଇଥିଲା ସ୍ମୃତିସଭା । ବିଜୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ସ୍ମୃତିସଭାରେ ପୌରହିତ୍ୟ କରିଥିଲେ ଟ୍ରଷ୍ଟର ସାଧାରଣ ସଂପାଦକ ତଥା ନଗର ବିଜେଡି ସଭାପତି ବସନ୍ତ ବିଶ୍ୱାଳ । ଏହି ସ୍ମୃତିସଭାରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ପୂର୍ବତନ ପାରିଷଦ ମାଗୁ ଚରଣ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସବିତା ମହାପାତ୍ର, ଆଇନ୍‌ଜିବୀ ସୁରେଶ ଦାସ, ବିଶିଷ୍ଟ ବ୍ୟବସାୟୀ ପ୍ରଭାତ କୁମାର ନନ୍ଦି, ଶ୍ରୀରାମ ସାହୁ, ଅକ୍ଷୟ ସୁତାର ପ୍ରମୁଖ ଯୋଗ ଦେଇଥିବା ବେଳେ ପାରାଦୀପର ବହୁ ବିଶିଷ୍ଟ ବ୍ୟକ୍ତି, ସମାଜସେବୀ ଓ ଅନେକ ପୂର୍ବତନ ପାରିଷଦମାନେ ଉପସ୍ଥିତ ରହି ସ୍ୱର୍ଗତ ତରାଇଙ୍କ ସ୍ମୃତି ଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ଉପ-ସଭାପତି କୁମରବର ନାୟକ ଏବଂ ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

'ମଦ କାରବାର ବନ୍ଦ ନ ହେଲେ ଭୋଟ୍ ଦେବୁନାହିଁ'

ବିଜେଡି ନିର୍ବାଚନୀ ସଭାରେ ମହିଳାଙ୍କ ବିରୋଧ ପ୍ରଦର୍ଶନ

ବାଲେଶ୍ୱର(ଅମୃତ ମିଡିଆ): ନିର୍ବାଚନୀ ପ୍ରଚାର ସରଗରମ ହେଉଥିବା ବେଳେ ଅଧୁନା ଲୋକେ ଜାଗ୍ରତ ହେଲେଣି। ସର୍ବଦା ଭୋଟରଙ୍କୁ ଭୋକୁଆ ବନାଉଥିବା ଅଭ୍ୟସ୍ତ ନେତାଙ୍କୁ ପାନେ ଦେବା ପାଇଁ ଲୋକେ ଅଂଟା ଭିଡୁଥିବା ଦେଖିବାକୁ ମିଳିଛି।'ନିର୍ବାଚନ'ର ପରିଚାଳନା ପାଇଁ ସମ୍ପ୍ରତି ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଟଙ୍କା ଓ ମଦକୁ ଗୁରୁତ୍ୱ ଦିଆଯାଉଛି। ସଦର ନିର୍ବାଚନମଣ୍ଡଳୀର ବୁଆଁଳ ପଞ୍ଚାୟତରେ ବିଜେଡି ପକ୍ଷରୁ ଚାଲିଥିବା ଏକ ନିର୍ବାଚନୀ ସଭାରେ ସ୍ଥାନୀୟ ମହିଳାମାନେ ବିରୋଧ ପ୍ରଦର୍ଶନ କରିଛନ୍ତି। ଏ ଅଞ୍ଚଳରେ ମଦ କାରବାର ବନ୍ଦ ନ ହେଲେ କେହି ଭୋଟ ଦେବେନାହିଁ ବୋଲି ସଭାମଞ୍ଚ ସମ୍ମୁଖରେ ମହିଳାମାନେ ପାଟିକରି କହିଥିଲେ। ଏହି ମଦ ଓ ଗୁଣ୍ଡାରାଜ ପାଇଁ ଏ ଅଞ୍ଚଳର ଯୁବଗୋଷ୍ଠୀ ବିପଥଗାମୀ ହୋଇଥିବା ବେଳେ ନିକଟ ଅତୀତରେ ଜଣେ ଯୁବକଙ୍କୁ ଆକ୍ରମଣ କରି ହତ୍ୟା କରାଯାଇଛି। ଏ ପର୍ଯ୍ୟନ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପାରିନାହିଁ। ତା' ପରେ ବି ଭୋଟ ମାଗିବାକୁ କାହିଁକି ଆସିଛନ୍ତି ବୋଲି ନିର୍ବାଚନୀ ସଭାରେ ଭାଷଣ ହେଉଥିବା ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଅରୁଣ ଦେଙ୍କୁ ମହିଳାମାନେ ପ୍ରଶ୍ନ କରିଥିଲେ। ଏଭଳି ଅପ୍ରୀତିକର ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ଦୁଇ ବିଜେଡି ନେତାଙ୍କ ସମେତ ସ୍ଥାନୀୟ ଦଳୀୟ କର୍ମୀଙ୍କୁ ଅପଦସ୍ଥ ହେବାକୁ ପଡଛି।

ପଦବୀକୁ କିଏ ଅନାଉଛି ? ଫଳକ ବଡ଼ ହେଲେ ସବୁ ମିଳୁଛି !





ନୀଳଗିରି(ଅମୃତ ମିଡିଆ):ନୀଳଗିରି ବ୍ଲକରେ ନାମ ଫଳକୁ ନେଇ ପ୍ରତିଯୋଗିତା ଚାଲିଥିବାର ଦେଖିବାକୁ ମଳିଛି ।ସତେ ଯେମିତି ଲାଗୁଛି କର୍ମଚାରୀ ମାନଙ୍କ ମନମୁଖରେ ଚାଲିଛି ବ୍ଲକ ଅଫିସ ।ଯାହା ଜଣାପଡୁଛି ଏହି ବ୍ଲକର କର୍ମଚାରୀ ମାନେ ମୂରବି ବୋଲାଉ ଥିବାର ଦେଖିବାକୁ ମିଳିଛି ।କର୍ମଚାରୀ ମାନେ ବିଡିଓଙ୍କୁ ମାନୁନଥିବାରୁ ସାଧାରଣ ଲୋକ ମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖିନ ହୋଉଥିବାର ଅଭିଯୋଗ ଉଠିଛି ।ନୀଳଗିରି ବ୍ଲକରେ ବିଡିଓଙ୍କର ମୂରବିପଣିଆ ନଥିବାରୁ କର୍ମଚାରୀ ମାନେ ବ୍ଲକ ଅଫିସକୁ ଇଚ୍ଛା ଆସୁଛନ୍ତି ଇଚ୍ଛାରେ ଯାଉଥିବାର ଅଭିଯୋଗ ହେଉଛି ।ଯେଉଁ ଘରେ ମଝି ଖୁଣ୍ଟ ଭୂଷୁଡି ପଡେ ସେ ଘରଟି ସଂପୂର୍ଣ୍ଣ ଭାଙ୍ଗି ଯିବା ଭଳି ନୀଳଗିରି ବ୍ଲକରେ ମଝି ଖୁଣ୍ଟ କୁହାଯାଉଥିବା ବିଡିଓ ଏବେ ଅନ୍ଧ ଧୃତରାଷ୍ଟ ସାଜି ରହୁଥିବାର ଅଭିଯୋଗ ହେଉଛି ।ଅଧିକାରୀ ଏବଂ କର୍ମଚାରୀ ମାନେ ରହିବା ଲାଗି ସରକାର ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ଘର ଗୁଡିକ ନିର୍ମାଣ କରିଥିବା ବେଳେ ବିଡିଓ ନିଜେ ରହୁନାହାନ୍ତି ଏବଂ ବହୁ କର୍ମଚାରୀ ମାନେ ବି ରହୁନଥିବାରୁ ଘର ଗୁଡିକର ତାଲା ଝୁଲଥିବାର ଦେଖିବାକୁ ମିଳୁଛି ।ସରକାରୀ ଘର ଗୁଡିକରେ ଗଛଲତା ମାଡି ଯାଇଛି ତ ଆଉ କେଉଁଠି ଜରାଜିର୍ଣ୍ଣ ଅବସ୍ଥାରେ ପଡି ରହିଥିବାରୁ ଘର ଗୁଡିକ ଭାଙ୍ଗିବାକୁ ବସିଲାଣି ।ଅଳ୍ପ କିଛି ସରକାରୀ କର୍ମଚାରୀ କ୍ୱାର୍ଟରେ ରହୁଥିବା ବେଳେ ବହୁ କର୍ମଚାରୀ ବାଲେଶ୍ୱରରେ ରହୁଥିବାର ଦେଖିବାକୁ ମଳିଛି ।ବିଡିଓଙ୍କ ଠାରୁ ଆରମ୍ଭ କରି କର୍ମଚାରୀ ପର୍ଯ୍ୟନ୍ତ ଘର ଭଡା ସରକାରୀ ତହବିଲରୁ ନେଉଥିବା ବେଳେ ଏହି କ୍ୱାର୍ଟରରେ ନରହି ବାଲେଶ୍ୱରରେ ରହୁଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି ।ବିଡିଓଙ୍କ ନାମ ଫଳକ କାନ୍ଥରେ ଛୋଟଛୋଟ ଅକ୍ଷରରେ ଓଏଏସ-୧(ଜେବି)ଅନିତା ନାୟକ ଲେଖା ଯାଇଥିବା ବେଳେ ତାଙ୍କ ଅଧିନରେ କର୍ମଚାରୀ କୁହାଯାଉଥିବା ସିପି(କମ୍ପ୍ୟୁଟର ପୋଗ୍ରାମର)ତାପସ କୁମାର ଭୂୟାଁ ବିଡିଓଙ୍କ ନାମ ଫଳକ ଠାରୁ ବଡ ଅଧିକାରୀ ଭଳି ନାମ ଫଳକ ତାଙ୍କ ଅଫିସ ଆଗରେ ବଡବଡ କରି ଲେଖିଥିବାରୁ ତାଙ୍କର କାର୍ଯ୍ୟକଳାପ ଉପରେ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ବ୍ଲକର କର୍ମଚାରୀ ପର୍ଯ୍ୟନ୍ତ ଚାପା ଗୁଞ୍ଜରଣ ସୃଷ୍ଟି ହେଉଥିବାର ଶୁଣିବାକୁ ମିଳୁଛି ।ସେମାନଙ୍କ କାମ ଅପେକ୍ଷା ଟେବୁଲ ଆଗରେ,କବାଟ ଓ କାନ୍ଥରେ ବଡବଡ ନାମ ଫଳକ ମାରି ନାକୁ ପ୍ରଚାର କରିବାରେ ବ୍ୟଥ ରହୁଛନ୍ତି ।କାମ ଅପେକ୍ଷା କଥାକୁ ବେଶୀ ଗୁରୁତ୍ୱ ଦେଉଥିବାରୁ ପ୍ରତିଦିନ ଶହଶହ ଲୋକ ନୀଳଗିରି ବ୍ଲକକୁ ଆସି ନିଜି କାମ କରି ନପାରି ନିରାଶରେ ଘରକୁ ଫେରୁଥିବାର ଅଭିଯୋଗ କରୁଛନ୍ତି । ସିପି ବାବୁଙ୍କର ଏଭଳି ବଡବଡ ଅକ୍ଷରର ଲେଖାକୁ ନେଇ ନୀଳଗିରି ବ୍ଲକରେ ପ୍ରତିଦିନ ଆଲୋଚନା ସମାଲୋଚନା ଚାଲିଥିବା ବେଳେ ନା ଅଧିକାରୀଙ୍କର ଆକଟ ଅଛି ନା ସିପି ବାବୁଙ୍କର ସୌଜନ୍ୟତା ଅଛି ।ଏହି ବ୍ଲକରେ ଟଙ୍କାରେ ଖେଳ ଚାଲିଥିରୁ 'ଇଲ ଏଟେବୁଲରୁ ସେଟେବୁଲକୁ ଯାଉ ନାହିଁ ବୋଲି ବହୁ ହିତାଧିକାରୀ ମାନେ ଅଭିଯୋଗ କରିଛନ୍ତି ।ବ୍ଲକ ଅଫିସ ଭିତରେ ଏତେ ଘଟଣା ଘଟୁଥିବା ବେଳେ ବିଡିଓ କିପରି ଜାଣି ପାରୁନାହାଁନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ଯାହା ଜଣାପଡୁଛି ଅଧିକାରୀ ଏବଂ କର୍ମଚାରୀଙ୍କ ପାଖରେ ଆଇନ୍ କାନୁନ୍,ନୀତି ଆଦର୍ଶ ବଦଳୀ ଯାଇଥିବାର ଅଭିଯୋଗ ଉଠିଛି ।ବାଲେଶ୍ୱର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବା ସଙ୍ଗେସଙ୍ଗେ କର୍ମଚାରୀଙ୍କର ନାମ ପ୍ରଚାର ଅପେକ୍ଷା କାର୍ଯ୍ୟ ଦକ୍ଷତାକୁ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବୀ ହେଉଛି ।